**<u>ବାଣିଜ୍ୟକର ଏବଂ ଜିଏସଟି କମିଶନରେଟ, ଓଡିଶା, କଟକ</u>**

**<u>ପ୍ରେସ ଇସ୍ତହାର</u>**

**<u>ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗଦ୍ୱାରା ୧୮୧୯ କୋଟି ଟଙ୍କାର ଜାଲ ବିଲ ରାକେଟର ପର୍ଦ୍ଦାଫାଶ</u>**

**<u>ଚାର୍ଟାର୍ଡ ଅକାଉଣ୍ଟାଣ୍ଟଙ୍କ ସହିତ ଜଣେ ମାଷ୍ଟରମାଇଣ୍ଡ ଗିରଫ</u>**

**କଟକ :** ଓଡିଶା ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗ ଦ୍ୱାରା ଜାଲ ବିଲ ର ।କେଟ ବିରୁଦ୍ଧରେ ରାଜ୍ୟବ୍ୟାପୀ କାର୍ଯ୍ୟାନୁଷ୍ଠାନ ଫଳରେ ଆଜି (୦୨-୦୯-୨୦୨୧) ୧୮୧୯ କୋଟି ଟଙ୍କାର ଏକ ଜାଲ ବିଲ ରାକେଟର ପର୍ଦ୍ଦାଫାଶ ଘଟିଛି ଏବଂ ଏଥିରେ ସମ୍ପୃକ୍ତ ଦୁଇ ଜଣ ମାଷ୍ଟରମାଇଣ୍ଡ ଶ୍ରୀ ଅମିତ କୁମାର ଅଗ୍ରୱାଲ ଚାର୍ଟାର୍ଡ ଅକାଉଣ୍ଟାଣ୍ଟ ଏବଂ ଶ୍ରୀ ସତିନ୍ଦ୍ର କୁମାର ଯାଦବ । ଏହି ଜାଲ ବିଲ ବଳରେ ୫୮.୧୪ କୋଟି ଟଙ୍କାର ଜାଲ ଆଇଟିସି ଉପଭୋଗ ଓ ହସ୍ତାନ୍ତର ହୋଇଥିବା ଜଣାପଡିଛି । ଏହି ଜାଲ ବିଲ ରାକେଟରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ଶ୍ରୀ ଅଗ୍ରୱାଲଙ୍କୁ ଝାରସୁଗୁଡାରୁ ଗିରଫ କରାଯାଇଥିବା ବେଳେ ଶ୍ରୀ ଯାଦବଙ୍କୁ ଭୁବନେଶ୍ୱର ରୁ ଗିରଫ କରାଯାଇଛି ।

ଏହି ଦୁଇଜଣ ଅନ୍ୟମାନଙ୍କ ସହ ମିଶି ୧୩ ଗୋଟି ଜାଲ ବ୍ୟବସାୟୀକ ପ୍ରତିଷ୍ଠାନ ସୃଷ୍ଟି କରି ଜାଲ କିଣା ବିଲ ମାଧମରେ ଏହି ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ ( ITC) ହାତେଇଥିବା ଜଣା ଯାଇଛି । ଏହିଜାଲ ପ୍ରତିଷ୍ଠାନଗୁଡିକ ପଶ୍ଚିମ ବଙ୍ଗ, ଝାରଖଣ୍ଡ, ଦିଲ୍ଲୀ ଆଦିରେ ବ୍ୟାପିଛି । ଜାଲ କ୍ରୟ ବିକ୍ରୟ ବିଲ ମାଧମରେ ୩୨୩ କୋଟି ଟଙ୍କାର ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ (ITC) ହାତେଇଥିବା ବେଳେ ପ୍ରାୟ ସେହି ପରିମାଣର ଇନ୍ପୁଟ ଟାକ୍ସ କ୍ରେଡିଟ ( ITC) ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀଙ୍କୁ ହସ୍ତାନ୍ତର କରି ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି କରିଛନ୍ତି । ଅଳ୍ପ ଦିନର ବ୍ୟବଧାନ ମଧରେ ସେମାନେ ଏହି ଜାଲ କିଣା ବିଲ ଯୋଗାଡ କରିଥିବା ଜଣାଯାଇଛି ।

ଅନୁସନ୍ଧାନ ସମୟରେ ଏ ଦୁଇ ଜଣଙ୍କ ଦ୍ୱାରା ନିମ୍ନ ପ୍ରକାର ଜାଲିଆତି ହୋଇଥିବା ଜଣା ପଡିଥିଲା –

୧. ପଶ୍ଚିମ ବଙ୍ଗର କଲିକତାରେ ରହୁଥିବା ଛୋଟ କଳ ଶ୍ରମିକ , ଝାଡୁଦାର ଆଦି ଲୋକଙ୍କ ଫୋଟୋ ସହ ପରିଚୟ ପତ୍ର ଯଥା ଭୋଟର ପରିଚୟ , ପ୍ୟାନ , ଆଧାର , ବାଙ୍କ ପାସବୁକ ଆଦି ସେମାଙ୍କୁ ଚାକିର ଦେବା ଆଳରେ ହାସଲ କରିଥିଲେ ଓ ସେଗୁଡିକୁ ବ୍ୟବହାର କରି ଜିଏସଟି ପଞ୍ଜୀକରଣ ହାସଲ କରିଥିଲେ ଏବଂ ବିଭିନ୍ନ ବ୍ୟାଙ୍କ ରେ କରେଣ୍ଟ ଆକାଉଣ୍ଟ ଖୋଲିଥିଲେ । ଜିଏସଟି ପଞ୍ଜୀକରଣ ନେଇ ସେ ଅନ୍ୟ ମାନଙ୍କ ସହ ମିଶି କୌଣସି ଦ୍ରବ୍ୟ ର ଆଦାନ ପ୍ରଦାନ ବିନା ସେ ଜାଲ ବିଲ ବ୍ୟବସାୟରେ ଲିପ୍ତ ରହିଥିଲେ । ୧୩ ଗୋଟି ଜଳ ଫାର୍ମ ମଧ୍ରୁ ତିନୋଟି ଫାର୍ମର ପ୍ରୋପ୍ରାଏଟର ପଶ୍ଚିମ ବଙ୍ଗର ଦେଲହାଉସି ଛୋଟ କଳ ଶ୍ରମିକ , ଝାଡୁଦାର ହୋଇଥିବା ଜଣାପଡିଛି ।

ଓଡିଶା ଜିଏସଟି ଆଇନ ୨୦୧୭ ର ଧାରା 132(1)( c), 132(1)(b), 132(1)(l) ଓ ୧୩୨(୫) ଅନୁଯାୟୀ ଏହି ଅପରାଧ ଏକ ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ଏବଂ 132(1)(i) ଧାରା ଅନୁଯାୟୀ ଦଣ୍ଡନୀୟ ।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ଏନଫୋର୍ସମେଣ୍ଟ ୱିଙ୍ଗ ବର୍ତ୍ତମାନ ଶୁଦ୍ଧା ୨୩ ଜଣ ଠକ ବ୍ୟବସାୟୀଙ୍କୁ ଜାଲ ବିଲ କାରବାର ଏବଂ ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ ଉପଲବ୍ଧ ଏବଂ ହସ୍ତାନ୍ତର କରିଥିବା ଅଭିଯୋଗରେ ଗିରଫ କରିଛି । ଏତଦବ୍ୟତୀତ ରାଜ୍ୟ ଜିଏସଟି ବିଭାଗ ଦ୍ୱାରା ଏପର୍ଯ୍ୟନ୍ତ ୨୯୦୦୨ ଜଣ ବ୍ୟବସାୟୀଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇଛି । ରିଟର୍ନ ଦାଖଲ କରି ନଥିବା ହେଉ ଅଥବା କ୍ଷେତ୍ରିୟ ଅନୁସନ୍ଧାନରେ ଏଗୁଡିକ ଭୁତ ବ୍ୟବସାୟୀକ ପ୍ରତିଷ୍ଠାନ ଜଣା ପଡିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ରାଜ୍ୟ ଜିଏସଟି କମିସନରେଟ ତରଫରୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ କୌଣସି ବ୍ୟକ୍ତି ନିଜର ପରିଚୟ ପତ୍ର ସମ୍ପର୍କିତ କାଗଜ ପତ୍ର, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦି କୌଣସି ଅଜଣା / ଅନଧିକୃତ ଲୋକଙ୍କୁ ପ୍ରଦାନ କରନ୍ତୁ ନାହିଁ । ଯଦି କେହି ଏପରି କରିଥାନ୍ତି ତେବେ ସେମାନେ ତୁରନ୍ତ ରାଜ୍ୟ ଜିଏସଟି କମିସନରେଟଙ୍କୁ ଜଣାନ୍ତୁ , ଯାହା ଫଳରେ ଏଗୁଡ଼ିକର ଅପବ୍ୟବହାର କୁ ରୋକିହବ । ଯଦି କେହି ବ୍ୟକ୍ତି ନିଜର ବ୍ୟକ୍ତିଗତ କାଗଜପତ୍ର ଅପବ୍ୟବହାର ହେଉଥିବା ଜାଣିଛନ୍ତି କିମ୍ବା ଖବର ପାଇଛନ୍ତି ତେବେ ସେମାନେ ତୁରନ୍ତ ନିକଟସ୍ଥ ଜିଏସଟି କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ । ବିଭାଗ ଏ ସମ୍ବନ୍ଧରେ ତୁରନ୍ତ ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।